# NATIONAL NEWS BULLETIN (ODIA)
## 6 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଏବଂ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା କୃଷକ ଓ ମହିଳାମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିଛି, କହିଲେ ରାଷ୍ଟ୍ରପତି ।
- ସଠିକ୍ ଅଧ୍ୟୟନ, ପର୍ଯ୍ୟବେକ୍ଷଣ ଏବଂ ଜ୍ଞାନର ଉପଯୋଗ ଦ୍ୱାରା ଦକ୍ଷତା ହାସଲ କରାଯାଇପାରିବ ।

– ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।

- ଓଡ଼ିଶାର ରାୟଗଡ଼ା ଓ ଫୁଲବାଣୀରେ ୧୯ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।
- ମେଘାଳୟର ଥାଙ୍ଗ୍ସ୍କୋ କୋଇଲା ଖଣି ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୯କୁ ବୃଦ୍ଧି ।

ଏବଂ

- ଆଇ.ସି.ସି. ୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡ ସମ୍ମୁଖରେ ୪୧୨ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତ ।

## ବ୍ଲାକ୍‌ସ୍ୱାନ୍ ସମିଟ୍

ଦକ୍ଷତା ବିକାଶ ଓ ଉଦ୍ଭାବନ କ୍ଷମତା ବୃଦ୍ଧିକୁ ମାନବ ସମ୍ପଦରେ ନିବେଶ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ବ୍ଲାକ୍-ସ୍ୱାନ୍ ସମିଟ୍ ଇଣ୍ଡିଆ-୨୦୨୬ରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ବର୍ତ୍ତମାନ ସମୟରେ ପ୍ରଯୁକ୍ତି ଅଭୁତପୂର୍ବ ଗତିରେ ବିକାଶ ହେଉଛି। ନୂତନ ଉଦ୍ଭାବନ ସହ ବ୍ୟବସ୍ଥା, ଦକ୍ଷତା ଓ ବ୍ୟବସାୟ ତାଳ ମିଳାଇ ଅଗ୍ରସର ହେଉଛି। ଏହି ମଞ୍ଚରେ ପ୍ରଯୁକ୍ତିକୁ ଦକ୍ଷତା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଓ ଡିଜିଟାଲ ଆର୍ଥିକ ପରିବର୍ତ୍ତନ ପାଇଁ ବ୍ୟବହାର କରିବାର ନୂତନ ଉପାୟ ଅନୁସନ୍ଧାନ କରାଯାଇପାରିବ। ଗତ ଦଶନ୍ଧିରେ ଦେଶରେ ଆର୍ଥିକ ବ୍ୟବସ୍ଥାରେ ଏକ ବିପ୍ଳବ ଘଟିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ସିଧାସଳଖ ଲାଭ ହସ୍ତାନ୍ତର ଓ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କୃଷକ ଓ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଆଣିଛି। ଉଦ୍ୟୋଗୀ ଓ ଉଦ୍ଭାବକମାନଙ୍କୁ ପ୍ରଯୁକ୍ତିକୁ ସାମାଜିକ ନ୍ୟାୟ ଓ ଅନ୍ତର୍ଭୁକ୍ତିକରଣ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ଅନ୍ତର୍ଭୁକ୍ତ

କରାଯିବା ଉଚିତ। ରାଜ୍ୟ ସରକାର ଭାରତ-ନେତ୍ର ଉଦ୍ୟୋଗ ଅଧିନରେ ଡିଜିଟାଲ, ଫାଇନାନ୍ସିଆଲ ଓ ଇନ୍ସ୍ୟୁରାନ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ପ୍ରସ୍ତୁତ କର୍ମଶକ୍ତି ଓ ଉଦ୍ଭାବନ ଭିତ୍ତିଭୂମି ନିର୍ମାଣ କରିଛନ୍ତି। ରାଜ୍ୟକୁ ଡିଜିଟାଲ ଓ ଫିନ୍‌ଟେକ୍ କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ଭାବେ ପ୍ରତିଷ୍ଠିତ କରାଇବାରେ ଏହି ସମ୍ମିଳନୀ ସହାୟକ ହେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

## ପିଏମ୍-ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଜାରି କରାଯାଇଥିବା ଏକ ଭିଡ଼ିଓରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ଚାପମୁକ୍ତ ପରୀକ୍ଷା ସଂପର୍କରେ କହିଛନ୍ତି । ଆଜିର ବାର୍ତ୍ତାଳାପରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇ କହିଛନ୍ତି, ସେମାନେ ନିଜର ସ୍ୱତନ୍ତ୍ର ଶିକ୍ଷଣ ଶୈଳୀ ଉପରେ ବିଶ୍ୱାସ ରଖିବା ଉଚିତ ।

ଶ୍ରୀ ମୋଦୀ କହିଛନ୍ତି, ଯେତେବେଳେ ଛାତ୍ରଛାତ୍ରୀ ପରାମର୍ଶ ଓ ଆତ୍ମବିଶ୍ୱାସକୁ ଏକତ୍ର କରି ଜ୍ଞାନ ଆହରଣ କରନ୍ତି, ସେତେବେଳେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇଥାଏ ।

ସଠିକ୍ ଭାବେ ଅଧ୍ୟୟନ, ପର୍ଯ୍ୟବେକ୍ଷଣ ଏବଂ ଜ୍ଞାନର ଉପଯୋଗ ନ କଲେ, କୌଣସି ଦକ୍ଷତା ହାସଲ କରାଯାଇ ପାରିବ ନାହିଁ ବୋଲି ଶ୍ରୀ ମୋଦୀ କହିଥିଲେ ।

ଚଳିତଥର ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଦିଲ୍ଲୀ ସମେତ କୋଏମ୍ବାଟୁର, ରାୟପୁର, ଦେବମୋଗ୍ରା ଏବଂ ଗୁଆହାଟୀରେ ଅନୁଷ୍ଠିତ ହୋଇଥିଲା । ଚଳିତଥର ଏଥିରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ  ମାଇଁ ଗଭ୍ ପୋର୍ଟାଲ ମାଧ୍ୟମରେ ପଞ୍ଜୀକରଣ କରିଥିଲେ । ଚଳିତ ଥର ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ମାଓବାଦୀ ଆତ୍ମସମର୍ପଣ

ଓଡ଼ିଶାର ରାୟଗଡ଼ା ଓ ଫୁଲବାଣୀ ଜିଲ୍ଲା ପୁଲିସ୍ ନିକଟରେ ଆଜି ୧୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ରାୟଗଡ଼ା ପୁଲିସ ବଂଶଧାରା-ନାଗାବଳୀ-ଘୁମସର ଡିଭିଜନ ନିକଟରେ ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଫୁଲବାଣୀ ପୁଲିସ୍ ନିକଟରେ ୪ ଜଣ ଆତ୍ମସମର୍ପଣ କରିଛନ୍ତି । ମାଓବାଦୀଙ୍କ ନିକଟରୁ ବହୁ ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି ।

# ପାର୍ଲାମେଣ୍ଟ ଆଡ଼ଜର୍ଣ୍ଣ

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧି ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି । ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ, ଟି.ଏମ୍.ସି. ଏବଂ ଡି.ଏମ୍.କେ.ର ବିରୋଧି ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ଆସି ସରକାର ବିରୋଧି ସ୍ଲୋଗାନମାନ ଦେଇଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ପୀଠାସୀନ ଅଧିକାରୀ ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ନ କରି ନିଜ ନିଜ ଆସନକୁ ଫେରିଯିବା ଲାଗି ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ହଟ୍ଟଗୋଳ ମଧ୍ୟରେ ବିଭାଗୀୟ ମନ୍ତ୍ରୀମାନେ ସେମାନଙ୍କ ମନ୍ତ୍ରଣାଳୟର ତଥ୍ୟ ଉପସ୍ଥାପନ କରିଥିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ ହଟ୍ଟଗୋଳ ଜାରି ରହିବାରୁ ଦିନକ ପାଇଁ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରାଯାଇଥିଲା ।

ଆଜି ଲୋକସଭାରେ ୨୦୨୬-୨୭ କେନ୍ଦ୍ରୀୟ ବଜେଟ୍ ଉପରେ ଆଲୋଚନା ହେବାର ଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ଗୃହର ପରବର୍ତ୍ତୀ ଅଧିବେଶନ ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବ ।

ଅନ୍ୟ ପକ୍ଷରେ ରାଜ୍ୟସଭାରେ କାର୍ଯ୍ୟଧାରା ସ୍ୱାଭାବିକ ଥିଲା । ଶେଷରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଥିଲା । ଗୃହର ସଦସ୍ୟମାନେ ଆଜି ଶୂନ୍ୟ କାଳରେ ସାର୍ବଜନୀନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ । ତାପରେ ଗୃହରେ ପ୍ରଶ୍ନକାଳ ଆରମ୍ଭ ହୋଇଥିଲା । ଅଶ୍ୱିନୀ ବୈଷ୍ଣବ ଏବଂ ଶିବରାଜ ସିଂହ ଚୌହାନଙ୍କ ସମେତ ଅନେକ ମନ୍ତ୍ରୀ ବିଭିନ୍ନ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ । ମଧ୍ୟାହ୍ନ ଭୋଜନ ପରେ ଅପରାହ୍ଣ ୨ଟାରେ ଗୃହ କାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ରାଜ୍ୟସଭାରେ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ସେମାନଙ୍କର ବ୍ୟକ୍ତିଗତ ସଦସ୍ୟ ବିଲ୍ ଆଗତ କରିଥିଲେ । ପରେ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ । ଆସନ୍ତା ସୋମବାର ପୂର୍ବାହ୍ନ ୧୧ଟାରେ ଗୃହର ବୈଠକ ପୁନର୍ବାର ଅନୁଷ୍ଠିତ ହେବ ।

## ଏଲ୍ଏସ୍-ବିବିବିପି

ସରକାର କହିଛନ୍ତି, ବେଟି ବଚାଓ ବେଟି ପଢ଼ାଓ ଯୋଜନା ଏକ ନୀତିଗତ ପଦକ୍ଷେପରୁ ଏକ ଜାତୀୟ ଆନ୍ଦୋଳନରେ ପରିଣତ ହୋଇଛି । ଆଜି ଲୋକସଭାରେ ଏକ ଲିଖିତ ଉତ୍ତରରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି, ଜାତୀୟ ସ୍ତରରେ ଜନ୍ମ ସମୟରେ ଲିଙ୍ଗ

ଅନୁପାତ ୨୦୧୪-୧୫ରେ ୯୧୮ ଥିବାବେଳେ ୨୦୨୪-୨୫ରେ ୯୨୯ ହୋଇଛି ଏବଂ ମାଧ୍ୟମିକ ସ୍ତରରେ ବିଦ୍ୟାଳୟରେ ଝିଅମାନଙ୍କର ମୋଟ୍ ନାମ ଲେଖା ଅନୁପାତ ୨୦୧୪-୧୫ରେ ୭୫ ଦଶମିକ୍ ୫/୧ ପ୍ରତିଶତରୁ ୨୦୨୪-୨୫ରେ ୮୦ ଦଶମିକ୍ ୨ ପ୍ରତିଶତକୁ ବୃଦ୍ଧି ପାଇଛି । ସେ କହିଛନ୍ତି, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ୨୦୨୦-୨୧ ଏଚ୍.ଏମ୍.ଆଇ.ଏସ୍. ତଥ୍ୟ ଅନୁଯାୟୀ ଜିଲ୍ଲାଗୁଡ଼ିକର ଜନ୍ମ ସମୟରେ ଲିଙ୍ଗ ଅନୁପାତ ଏସ୍.ଆର୍.ବି. ସ୍ଥିତି ଆଧାରରେ ସେମାନଙ୍କୁ ପାଣ୍ଠି ଯୋଗାଇ ଦିଆଯାଇଥାଏ । ମନ୍ତ୍ରୀ କହିଛନ୍ତି, ଶିଶୁ ଲିଙ୍ଗ ଅନୁପାତ ଏବଂ ଜୀବନଚକ୍ର ନିରନ୍ତରତାରେ ଝିଅ ଏବଂ ମହିଳା ସଶକ୍ତିକରଣ ସହିତ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ସମାଧାନ କରିବା ଲକ୍ଷ୍ୟ ନେଇ ବେଟି ବଚାଓ ବେଟି ପଢ଼ାଓ ଯୋଜନା ୨୨ ଜାନୁଆରୀ ୨୦୧୫ରେ ଆରମ୍ଭ ହୋଇଥିଲା ।

## ମେଘାଳୟ-ବ୍ଲାଷ୍ଟ

ମେଘାଳୟରେ ଗତକାଲି ହୋଇଥିବା ଥାଙ୍ଗସ୍କୋ କୋଇଲା ଖଣି ବିସ୍ଫୋରଣ ସ୍ଥଳୀରୁ ଆଜି ଆଉ ଗୋଟିଏ ମୃତ ଦେହ ଉଦ୍ଧାର ହେବା ଫଳରେ ମୃତ୍ୟୁ ସଂଖ୍ୟା ୧୯କୁ ବୃଦ୍ଧି ପାଇଛି । ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଏନ୍.ଡି.ଆର୍.ଏଫ୍. ଦଳଗୁଡ଼ିକ ପକ୍ଷରୁ ବିସ୍ଫୋରଣ

ସ୍ଥଳରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ମୁଖ୍ୟମନ୍ତ୍ରୀ କନରାଡ୍ କେ. ସାଙ୍ଗମା ଦୁଇ ଜଣ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପରିସ୍ଥିତିର ତଦାରଖ ପାଇଁ ନିଯୁକ୍ତ କରିଛନ୍ତି । କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ରିମ୍ବୁଇ କହିଛନ୍ତି, ଏହି ଘଟଣାରେ ଏପର୍ଯ୍ୟନ୍ତ ୨ ଜଣଙ୍କୁ ଗିରଫ୍ କରାଯାଇ ଥିବାବେଳେ ତଦନ୍ତ ଜାରି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣିକୁ ବନ୍ଦ କରାଯାଇଥିବା ବେଳେ ଏବଂ ଏହାର ଉପକରଣ ଗୁଡ଼ିକୁ ଜବତ କରାଯାଇଛି ।

## ପାକ୍-ଏକ୍ସପ୍ଲୋସନ୍

ପାକିସ୍ତାନର ରାଜଧାନୀ ଇସଲାମବାଦର ଏକ ସିଆ ଧାର୍ମିକ କେନ୍ଦ୍ରରେ ଆତ୍ମଘାତି ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୭୦ ଜଣ ଆହତ ହୋଇଛନ୍ତି । ସେହେଜାଦ ଟାଉନ ଅଞ୍ଚଳର ତରଲାଇ ଇମାମ୍‌ବର୍ଗାରେ ଏହି ବିସ୍ଫୋରଣ ଘଟିଥିଲା । ପୁଲିସ୍ ସୂଚନା ଅନୁସାରେ ଆତ୍ମଘାତି ବିସ୍ଫୋରଣକାରୀଙ୍କୁ ଇମାମ୍‌ବର୍ଗାରେ ଫାଟକ ନିକଟରେ ଅଟକା ଯାଇଥିଲା କିନ୍ତୁ ସେ ନିଜକୁ ବିସ୍ଫୋରଣ କରିଦେଇଥିଲେ ।

# କ୍ରିକେଟ୍-ଅଣ୍ଡର ନାଇଣ୍ଟିନ

ଜିମ୍ବାୱେର ହରାରେ ଠାରେ ଖେଳାଯାଉଥିବା ଆଇ.ସି.ସି. ୧୯ ବର୍ଷରୁ କମ୍ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ ଇଂଲଣ୍ଡ ପାଇଁ ୪୧୨ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ୨୪ ଓଭର ଶେଷରେ ୭ ୱିକେଟ୍ ହରାଇ ୧୯୨ ରନ୍ ସଂଗ୍ରହ କରିଛି ।

ପୂର୍ବରୁ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ବୈଭବ ସୂର୍ଯ୍ୟବଂଶୀଙ୍କ ୮୦ ବଲ୍‌ରୁ ଧୂଆଁଧାର ୧୭୫ରନ୍ ସହାୟତାରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୪୧୧ରନ୍ ସଂଗ୍ରହ କରିଥିଲା ।